## ଜିଏମ୍‌ୟୁରେ ଅନ୍ତର୍ଜାତୀୟ ସଂପାନ

# 'ତୃଣମୂଳରୁ ବାଟ ଖୋଜା ଯାଉ'

ସମ୍ବଲପୁର,୧୮।୩(ଇମିସ): ଆଗାମୀ ଦୁଇ ଦଶନ୍ଧି ପରେ ଆତଙ୍କବାଦଠାରୁ ଜଳବାୟୁ ପରିବର୍ତ୍ତନ ସବୁଠୁ ବଡ଼ ସମସ୍ୟା ଭାବେ ଉଭା ହେବ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଶ୍ୱର ଅନେକାଂଶ ଦେଶରେ ପଡ଼ିଛି। କେଉଁଠି କମ୍ ତ କେଉଁଠି ବେଶି। ଓଡ଼ିଶା ମଧ୍ୟ ଏହି ସମସ୍ୟାର ଭୁକ୍ତଭୋଗୀ। ଏହି ସମସ୍ୟାର ସମାଧାନ ମିଳିତ ଜାତିସଂଘର ଏଜେଣ୍ଡାରେ ସ୍ଥାନ ପାଇଛି। ୨୦୫୦ ମସିହା ବେଳକୁ ବାୟୁମଣ୍ଡଳରେ ଅଂଗାରକାମ୍ଳ ନିର୍ଗମନର ମାତ୍ରା ଶୂନ୍‌ରେ ସୀମିତ ରଖିବାକୁ ବିଭିନ୍ନ ରାଷ୍ଟ୍ର ପ୍ରୟାସ କରିବେ। କିନ୍ତୁ ଏହି ସମସ୍ୟାରୁ ଉଧୁରି ପାରିବା ସହଜ ନୁହେଁ। ତୃଣମୂଳ ସ୍ତରରୁ ସଚେତନତା ଏବଂ ପ୍ରୟାସ ଆରମ୍ଭ ନହେଲେ ଏହି ସମସ୍ୟା ମାନବ ସମାଜକୁ ଜାବୁଡ଼ି ଦେବ। ତେଣୁ ଛାତ୍ରଛାତ୍ରୀଙ୍କୁ ଏହି ପ୍ରସଂଗ ସହ ଅବଗତ କରାଯାଉ। ଅନ୍ତତଃ କଲେଜ୍ ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ବିଷୟ ସ୍ଥାନ ପାଉ ବୋଲି ଗଂଗାଧର ମେହେର ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଅନ୍ତର୍ଜାତୀୟ ସଂପାନରେ ଆଲୋଚକମାନେ ମତବ୍ୟକ୍ତ କରିଛନ୍ତି। ଜିଏମ୍‌ୟୁର ଭୂଗୋଳ ଏବଂ ଉଦ୍ଭିଦ ବିଜ୍ଞାନ ପକ୍ଷରୁ ତଥା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସହଯୋଗରେ ଆୟୋଜିତ ଏହି ସଂପାନରେ 'ଜଳବାୟୁ ପରିବର୍ତ୍ତନ ଏବଂ ବିକାଶ ଧାରା' ପ୍ରସଂଗ ଉପରେ ମାନସମନ୍ଥନ କରାଯାଇଥିଲା।

## ଜଳବାୟୁ ପରିବର୍ତ୍ତନ ଚିନ୍ତା



ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏମ୍‌ସି ଦାଶ ଆଂଚଳିକ ସ୍ତରରୁ ଜଳବାୟୁ ପରିବର୍ତ୍ତନ ପାଇଁ ସଚେତନତା କାର୍ଯ୍ୟକ୍ରମ ହେବା ଉଚିତ ବୋଲି ମତ ଦେଇଥିଲେ। ଶିଳ୍ପ ପ୍ରତିଷ୍ଠା ଯୋଗୁଁ ସମ୍ବଲପୁର, ଝାରସୁଗୁଡ଼ା, ଇବ୍ ଉପତ୍ୟକାରେ ପ୍ରଦୂଷଣର ମାତ୍ରା ବଢ଼ି ଚାଲିଛି। ଜଳବାୟୁ ଉପରେ ଏହାର କୁପ୍ରଭାବ ପଡ଼ିବା ନିଶ୍ଚିତ। ତେଣୁ ଏଠାକାର ଛାତ୍ରଛାତ୍ରୀ ସ୍ଥାନୀୟ ପ୍ରସଂଗରୁ ଗବେଷଣା ଆରମ୍ଭ କରନ୍ତୁ ବୋଲି ପ୍ରଫେସର ଦାଶ ଆହ୍ୱାନ କରିଥିଲେ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ) କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ଆଗାମୀ ତିନିମାସ ମଧ୍ୟରେ 'ଜଳବାୟୁ ପରିବର୍ତ୍ତନ'କୁ ନେଇ ପାଠ୍ୟକ୍ରମ ସୃଷ୍ଟି କରାଯିବ ବୋଲି ସୂଚନା ଦେଇଥିଲେ। କଲେଜ୍‌ରେ ଏହାକୁ ଏକ ବୈକଳ୍ପିକ ପାଠ୍ୟକ୍ରମ ପାଇଁ ପ୍ରୟାସ ହେବ ବୋଲି ପ୍ରଫେସର ମହାପାତ୍ର କହିଥିଲେ। ଜିଏମ୍‌ୟୁ କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥ ମଂଚାସୀନ ଥିଲେ। ଏହି ଅବସରରେ ସ୍ମରଣିକା 'କ୍ଲାଇମୋକ୍ରେଷ୍ଟ' ଉନ୍ମୋଚନ ହୋଇଥିଲା। ଓଏସ୍‌ଓୟୁ କୁଳସଚିବ ଡ. ଜୟନ୍ତ କର ଶର୍ମା ସ୍ୱାଗତ ଭାଷଣ, ଡ. ନମିତା ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଜେ ରାଓ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ମନମୋହନ ମହାନ୍ତି, ପ୍ରଫେସର ଏସ୍. ପିପିନ୍, ଡ. ମନୋରଂଜନ ମିଶ୍ର ଏବଂ ପ୍ରଫେସର ଏମ୍‌ସି ଦାଶ ସଂଦର୍ଭ ପାଠ କରିଥିଲେ। ରବିବାର ସଂପାନ ଉଦ୍‌ଯାପିତ ହେବ।